## ଦେଶୀମଦ ଜବତ, ୨ ଗିରଫ

**ଖଣ୍ଡପଡ଼ା,(ସ୍ୱ.ପ୍ର.):** ଖଣ୍ଡପଡ଼ା ଥାନା କିଆଝର ପଞ୍ଚାୟତର ପେଟାପଲ୍ଲୀ ଗ୍ରାମରୁ ପୋଲିସ ୨୪ଲିଟର ଦେଶୀମଦ ଜବତ ସହ ସମ୍ପୃକ୍ତ ୨ ଅଭିଯୁକ୍ତଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେମାନଙ୍କଠାରୁ ୨ଟି ବାଇକ୍ ଜବତ କରାଯାଇଛି। ଗିରଫ ଦ୍ୱୟ ହେଲେ ବେଣାଗାଡିଆ ଗ୍ରାମର ମଧୁସୂଦନ ବେହେରା ଓ ରାକେଶ ବିଶ୍ୱାଳ ବୋଲି ଏସ୍ଆଇ ପ୍ରଫୁଲ୍ଲ କୁମାର ଦେଓଙ୍କଠାରୁ ପ୍ରକାଶ। ଏ ସମ୍ପର୍କରେ ଥାନାରେ ୨୪୭ ଓ ୨୪୮/୨୦ରେ ୨ଟି ମାମଲା ରୁଜୁ ହୋଇଛି।

# ପୁନରୁଦ୍ଧାର ନାଁରେ ହରିଲୁଟ ମସୁଧା

**ଯାଜପୁର ଅଫିସ/ କଳିଙ୍ଗନଗର, ୨।୧୦ (ଡି.ଏନ.ଏ.)**

ଯାଜପୁର ଜିଲା କଳିଙ୍ଗନଗର ଶିଳ୍ପାଞ୍ଚଳର ବିଷାକ୍ତ ବର୍ଜ୍ୟଜଳ ବୋହୁଥିବା ଗଣ୍ଡାନାଳର ପୁନରୁଦ୍ଧାର କାର୍ଯ୍ୟ ଚାଲିଛି। ଜଳ ସମ୍ପଦ ବିଭାଗର ଯାଜପୁର ଜିଲା ଡ୍ରେନେଜ ଡିଭିଜନ ପକ୍ଷରୁ ୧ କୋଟି ୬୮ ଲକ୍ଷ ୫୦ ହଜାର ୫୧୬ ଟଙ୍କା ଏଥିପାଇଁ ଆକଳନ କରାଯାଇଛି। ଏଥିରେ ଗଣ୍ଡାନାଳର ପୁନରୁଦ୍ଧାର ସହ ଦୁଇଗୋଟି ଶାଖା ନାଳ ଜୋକଡିଆଠାରୁ କୁସୁନପୁର ଯାଏ ସ୍ଥଳବିଶେଷରେ କଂକ୍ରିଟ ଗାର୍ଡୱାଲ ଓ ଟୋୱାଲ କରିବାକୁ ଧାର୍ଯ୍ୟ ହୋଇଛି। ତଥ୍ୟ ଲୁଚାଇବାକୁ ଲୁକ୍କାୟିତ ଜାଗାରେ ଲାଗିଛି ସୂଚନା ଫଳକ। ତେବେ ଗତ ଜାନୁୟାରୀ ୧୦ରୁ କାର୍ଯ୍ୟ ଆରମ୍ଭ ହୋଇଥିଲେ ହେଁ ଗଣ୍ଡାନାଳର ଉଭୟ ପାର୍ଶ୍ୱରେ ମେସିନରେ ଚାଞ୍ଛି ଦେଇ ଅନୁଦାନର ସିଂହଭାଗ ଅର୍ଥ ହରିଲୁଟ କରିବାକୁ ମସୁଧା ଚାଲିଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷେ ଗଣ୍ଡାନାଳର ପୁନରୁଦ୍ଧାର କାର୍ଯ୍ୟ କରାଗଲେ ମଧ୍ୟ ଏହାର ପ୍ରଦୂଷିତ ଜଳ ଚାଷ କାର୍ଯ୍ୟରେ ଲାଗିବା ସମ୍ଭାବନା ନାହିଁ ବୋଲି ମତପ୍ରକାଶ ପାଇଛି। ତେଣୁ କାହା ସ୍ୱାର୍ଥରେ ୧.୬୮ କୋଟି ଟଙ୍କା ଆବଣ୍ଟିତ ହୋଇଛି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଶିଳ୍ପାୟନକୁ ବିକାଶର ଏକମାତ୍ର ଆଧାର ଭାବେ ଗ୍ରହଣ କରି ତାହାକୁ ପ୍ରୋତ୍ସାହନ ଦିଆଗଲେ କୃଷିର କିପରି ବିନାଶ ସାଧିତ ହେଉଛି ତାହାର ଗୋଟିଏ ପରେ ଗୋଟିଏ ପ୍ରମାଣ ଯାଜପୁର ଜିଲା କଳିଙ୍ଗନଗରରେ ଦେଖିବାକୁ ମିଳିଛି। ନଦୀନାଳ ଭରା ଯାଜପୁର ଜିଲାରେ ସେତେଟା ଜଳସେଚନର ସୁବିଧା ହୋଇପାରିନାହିଁ। ବରଂ ୮/୯ କିମି ପ୍ରଦୂଷିତ ଗଣ୍ଡାନାଳର ପୁନରୁଦ୍ଧାର କାର୍ଯ୍ୟ ପାଇଁ କୋଟି କୋଟି ଟଙ୍କା ବିନିଯୋଗ ହୋଇଛି। ଗଣ୍ଡାନାଳ କୂଳକୁ ଲାଗି କୁସୁନପୁର, ଯୋଡ଼ାବର, ମଙ୍ଗଳପୁର, ନୂଆଗାଁ, ବାଲୁଙ୍ଗାବନ୍ଦି, ରୁଙ୍ଗୁରୁଙ୍ଗା, ଖରଡି ଆଦି ଗ୍ରାମର ପ୍ରାୟ ୨୦୦ ବର୍ଗ କିଲୋମିଟର ଚାଷଜମି ପ୍ରଦୂଷଣ ଯୋଗୁ ଏବେ ବଞ୍ଜର ପାଲଟିଛି। ଦିନେ ଯେଉଁ ଉର୍ବର ପଟୁମାଟି ଯୋଗୁ ଚାଷ ଜମି ଉପରେ ଚାଷୀ ଧାନ, ମୁଗ, ବିରି, ପରିବା ଚାଷ କରୁଥିଲେ, ସେହି ଜମି ଏବେ ବଞ୍ଜର ପାଲଟିଛି। ଗତ ୧୦ ବର୍ଷ ହେଲା ମାର୍ଥାପୁରଠାରୁ ଯୋଡାବର ଏବଂ ଯଖପୁରାଠାରୁ ଖଣ୍ଡାହଥା ଅଞ୍ଚଳର ପ୍ରାୟ ୨ହଜାର ଚାଷୀ ବିରି ବସ୍ତାଏ ପାଇବାକୁ ଚାହିଁ ରହିଛନ୍ତି। ଗଣ୍ଡାନାଳରେ ଆବଶ୍ୟକତାଠାରୁ ୮/୧୦ ଗୁଣ ଅଧିକ ଫେନୋଲିକ କମ୍ପାଉଣ୍ଡ ଓ ସାୟାନାଇଡ ରହିଥିବା ଯୋଗୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଏହାବାଦ୍ ବର୍ଷାଦିନରେ ଅତ୍ୟଧିକ ବର୍ଷା ହେଲେ ଗଣ୍ଡାନାଳ କୂଳ ଓ ଏହାର ଆଖପାଖ ଅଞ୍ଚଳରେ ପ୍ରାୟ ୨୦ ଫୁଟ ଉଚ୍ଚରେ ପାଣି ରହିଥାଏ। ବର୍ଷା ଛାଡ଼ିଲା ପରେ ସେଠାରେ ପ୍ରଦୂଷିତ ମାଟି ଜମା ହୋଇଯାଏ। ତେଣୁ ବିରି ଚାଷ ତ ଦୂରର କଥା ଟମାଟୋ, ଭେଣ୍ଡି, କଲରା, ଝୁଡଙ୍ଗ ଆଦି ପନିପରିବା ଠିକ୍ ଭାବେ ଅମଳ ହୋଇ ପାରୁନାହିଁ। ଏଭଳି ସ୍ଥିତିରେ ସରକାରଙ୍କ ଜଳ ସମ୍ପଦ ବିଭାଗ ଗଣ୍ଡାନାଳ ଉପରେ ବିଭିନ୍ନ ସମୟରେ ବହୁ କୋଟି ଟଙ୍କା ଅଯଥା ଖର୍ଚ୍ଚ କରିବା କେବଳ ଠିକାଦାର ଓ ଯନ୍ତ୍ରୀ ପୋଷା ନୀତି ବୋଲି ଚର୍ଚ୍ଚା ହେଉଛି। ଯୋଡ଼ାବର ଗ୍ରାମର ଚାଷୀ ବିଶ୍ୱମ୍ଭର ବିଶ୍ୱାଳ, ଖଣ୍ଡାହତା ଗ୍ରାମର ରବୀନ୍ଦ୍ର ରାଉତ ପ୍ରମୁଖ କୁହନ୍ତି, ଗଣ୍ଡାନାଳର ପାଣି କୌଣସି ଚାଷ କାର୍ଯ୍ୟରେ ଲାଗୁ ନାହିଁ। ଯଦି ଗଣ୍ଡାନାଳର ଜୋକଡ଼ିଆଠାରୁ କୁସୁନପୁର ପର୍ଯ୍ୟନ୍ତ ବ୍ୟାରେଜ ନିର୍ମାଣ କରାଯାଏ ତେବେ ରବି ଋତୁ ପାଇଁ କିଛିଟା ଚାଷ ହୋଇ ପାରିବ। ଏ ସଂକ୍ରାନ୍ତରେ ଡ୍ରେନେଜ ବିଭାଗର ନିର୍ବାହୀ ଯନ୍ତ୍ରୀ ଚଣ୍ଡିପ୍ରସାଦ ମହାପାତ୍ରଙ୍କୁ ପଚାରିବାରୁ ସେ କହିଛନ୍ତି, କରୋନା ଯୋଗୁ ନିର୍ଦ୍ଧାରିତ ସମୟରେ ଏହି କାର୍ଯ୍ୟ ଶେଷ ହୋଇ ପାରିନାହିଁ। ବର୍ଷା ମାସ ସରିଲେ ପୁଣି କାର୍ଯ୍ୟ ଆରମ୍ଭ ହେବ। କେତୋଟି ସ୍ଥାନରେ କଂକ୍ରିଟ ସହ ପାହାଚ ନିର୍ମାଣ କରିବାକୁ ଯୋଜନା ରହିଛି ବୋଲି ସେ କହିଛନ୍ତି।

**ଗଣ୍ଡାନାଳ**



- ବ୍ୟୟ ଅଟକଳ ୧.୬୮ କୋଟି
- ଚାଷ କାର୍ଯ୍ୟରେ ଲାଗିବନି ଏହି ସରକାରୀ ଅର୍ଥ
- ଲୁକ୍କାୟିତ ଜାଗାରେ ସୂଚନା ଫଳକ

## ସଂକ୍ଷେପରେ

### ପାଣି ମିଶା ପେଟ୍ରୋଲ ବିକ୍ରିକୁ ନେଇ ଉତ୍ତେଜନା

### ଶିଖରପୁର ପେଟ୍ରୋଲ ପମ୍ପ ସିଲ୍

ନୟାଗଡ଼ ଅଫିସ,୨।୧୦: ପାଣି ମିଶା ପେଟ୍ରୋଲ ବିକ୍ରିକୁ ନେଇ ନୟାଗଡ଼ ଜିଲା ଶରଣକୁଳ ଥାନା ଶିଖରପୁରରେ ଗୁରୁବାର ସନ୍ଧ୍ୟାରେ ଉତ୍ତେଜନା ପ୍ରକାଶ ପାଇଥିଲା। ଖବର ପାଇ ଶରଣକୁଳ ଥାନା ପୋଲିସ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲା। ପରେ ହିନ୍ଦୁସ୍ତାନ ପେଟ୍ରୋଲ ପମ୍ପ କର୍ତ୍ତୃପକ୍ଷ ଘଟଣାସ୍ଥଳରେ ପହଞ୍ଚି ପେଟ୍ରୋଲର ମାନ ପରୀକ୍ଷଣ କରି ପେଟ୍ରୋଲ ପମ୍ପ ସିଲ୍ କରି ଦେଇଛନ୍ତି। ପ୍ରାପ୍ତ ସୂଚନା ଅନୁସାରେ ଶିଖରପୁର ପେଟ୍ରୋଲ ପମ୍ପରୁ ଗୁରୁବାର ସନ୍ଧ୍ୟାରେ ପେଟ୍ରୋଲ ପକାଇଥିବା ବାଇକ୍ ଓ ଅନ୍ୟ ଯାନବାହନ ଚାଳକମାନେ ହଇରାଣ ହୋଇଥିଲେ। ସେମାନଙ୍କ ଗାଡି ଷ୍ଟାର୍ଟ ହୋଇ ନ ଥିଲା। ଯାଞ୍ଚ ପରେ ପେଟ୍ରୋଲ କମ ପାଣି ଅଧିକ ଟାଙ୍କିରେ ରହିଥିବା ଜାଣିବାକୁ ପାଇଲେ। କେତେଜଣ ଲୋକ ବୋତଲରେ ପେଟ୍ରୋଲ ନେବା ସହ ବାଇକ୍ ଟାଙ୍କି ଫୁଲ କରିଥିଲେ। ଯେଉଁଥିରେ ପାଣି ଅଧିକ ପେଟ୍ରୋଲ କମ ଥିବା ପ୍ରମାଣିତ ହୋଇଥିଲା। ଘଟଣା ଜଣାପଡିବା ପରେ ଆଖପାଖ ଲୋକ ରୁଣ୍ଡହୋଇ ହୋହଲ୍ଲା କରିଥିଲେ।

### ଅସରାଏ ବର୍ଷାରେ କୁଜଙ୍ଗ ବଜାର ବେହାଲ

କୁଜଙ୍ଗ,୨।୧୦(ଡି.ଏନ.ଏ.): ଠିକ୍ ଢଙ୍ଗରେ ଡ୍ରେନ୍ ସଫେଇ ହୋଇ ନ ଥିବାରୁ ଅସରାଏ ବର୍ଷା ହେଲେ କୁଜଙ୍ଗ ବଜାର ବେହାଲ ହୋଇପଡୁଛି। ଫଳରେ ଏହାକୁ ନେଇ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଲୋକଙ୍କ କହିବା ଅନୁସାରେ, ଡ୍ରେନ୍ ସଫେଇ ସମୟରେ ଯେଉଁସବୁ ଜଏଣ୍ଟ ମୁଣ୍ଡ ପୋତି ହୋଇ ରହିଥିଲା ତାହାକୁ ସଫା କରାଗଲା ନାହିଁ। ଜନସାଧାରଣ ପାଣିଯୋଗୁ ଦୋକାନକୁ ଯାଇପାରୁ ନ ଥିବାବେଳେ ବ୍ୟବସାୟୀମାନେ ହାତବାନ୍ଧି ବସୁଛନ୍ତି। କଟକ-ପାରାଦୀପ ରାସ୍ତାକଡରେ ଥିବା ଜେଆରୱାଇ ମାର୍କେଟ କମ୍ପ୍ଲେକ୍ସ ସମ୍ପୂର୍ଣ୍ଣ ପାଣିଘେରରେ ରହୁଛି। ସେଠି ମଧ୍ୟ ଜନସାଧାରଣ ଓ ବ୍ୟବସାୟୀ ନାହିଁ ନ ଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ଏସମ୍ପର୍କରେ ବିଡିଓ ଅମିୟ ପଣ୍ଡା କହିଛନ୍ତି, ସେ ଯୋଗଦେବା ପୂର୍ବରୁ ଡ୍ରେନ ସବୁ ସଫା କରାଯାଇଥିଲା। ଯାହାକି କିଛି ଭୁଲ ରହିଯାଇଛି। ତେଣୁ ଜଳନିଷ୍କାସନ କିପରି ହେବ ସେଥିପାଇଁ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରାଯାଉଥିବା ସେ ସୂଚନା ଦେଇଛନ୍ତି।

### ଗାନ୍ଧୀ, ଶାସ୍ତ୍ରୀ ଜୟନ୍ତୀ

କେନ୍ଦ୍ରାପଡ଼ା ଅଫିସ, ୨।୧୦: ଗାନ୍ଧିଜୀଙ୍କ ୧୫୧ତମ ଜୟନ୍ତୀ ଅବସରରେ ସହରର ତିନିମୁହାଣିଠାରେ ଗାନ୍ଧିଜୀଙ୍କ ପଦଯାତ୍ରା ସ୍ମାରକୀର ଭିତ୍ତିପ୍ରସ୍ତର ସ୍ଥାପନ କେନ୍ଦ୍ରାପଡ଼ା ବିଧାୟକ ଶଶିଭୂଷଣ ବେହେରାଙ୍କ ଦ୍ୱାରା କରାଯାଇଛି। ଗରାପୁର ଛକ, ପୁରୁଣା ବସ୍ଷ୍ଟାଣ୍ଡ, କୋର୍ଟ ପରିସର ଆଦି ସ୍ଥାନରେ ଥିବା ଦେଶର ବରପୁତ୍ରଙ୍କୁ ଜିଲା ପ୍ରଶାସନ ପକ୍ଷରୁ ମାଲ୍ୟାର୍ପଣ କରାଯାଇଛି। ଏଡିଏମ୍ ନରହରି ସେଠୀଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଦ୍ୟାଧର ମୁଦୁଲି, ଶିକ୍ଷାବିତ୍ ନନ୍ଦକିଶୋର ପରିଡା, ସରୋଜ ରାଜ ସିଂ, ଅଜୟ କୁମାର ରାଉତ ପ୍ରମୁଖ ଯୋଗଦେଇଥିଲେ। ଯୁବ ବିଜେଡି ସଭାପତି ରାଜେଶ ଦାସଙ୍କ ନେତୃତ୍ୱରେ ତିନିମୁହାଣିଠାରୁ ଗରାପୁର ପର୍ଯ୍ୟନ୍ତ ଏକ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା।

### 'ମହାତ୍ମା ଗାନ୍ଧୀ ଫେରିଆସିଲେ' ପୁସ୍ତକ ଉନ୍ମୋଚିତ

କେନ୍ଦ୍ରାପଡ଼ା ଅଫିସ, ୨।୧୦: କେନ୍ଦ୍ରାପଡା ସହରର ପ୍ରେସ କ୍ଲବଠାରେ ଆଶିଷ ସେନାପତିଙ୍କ ଦ୍ୱାରା ରଚିତ ପୁସ୍ତକ 'ମହାତ୍ମା ଗାନ୍ଧୀ ଫେରିଆସିଲେ' ଶୁକ୍ରବାର ଉନ୍ମୋଚିତ ହୋଇଯାଇଛି। ପୁସ୍ତକରେ ସାମ୍ପ୍ରତିକ ସମୟରେ ଗାନ୍ଧୀବାଦର ଯଥାର୍ଥତା ସମ୍ପର୍କରେ ଉଲ୍ଲେଖ ହୋଇଛି। କାର୍ଯ୍ୟକ୍ରମରେ ଜିଲା ଓକିଲ ସଂଘ ସଭାପତି ସରୋଜ ରାଜ ସିଂ, ଶିକ୍ଷାବିତ୍ ଡ. ବାସୁଦେବ ଦାସ, କବୟିତ୍ରୀ ଅବନ୍ତୀ ବେହେରା ପ୍ରମୁଖ ଯୋଗଦେଇଥିଲେ।

### ତାଳଚୁଆ ଥାନାର ୪ କର୍ମଚାରୀ କରୋନା ପଜିଟିଭ୍

ରାଜନଗର, ୨।୧୦(ଡି.ଏନ.ଏ.): ଶୁକ୍ରବାର କେନ୍ଦ୍ରାପଡ଼ା ଜିଲା ତାଳଚୁଆ ସାମୁଦ୍ରିକ ଥାନାର ୪ ପୋଲିସ କର୍ମଚାରୀଙ୍କ ରିପୋର୍ଟ ପଜିଟିଭ୍ ଆସିଛି। ଏମାନଙ୍କୁ ମିଶାଇ ଥାନାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୬ରେ ପହଞ୍ଚିଛି। ରାଜନଗର ବ୍ଲକରେ ପଜିଟିଭ୍ ସଂଖ୍ୟା ୬୬୪ରେ ପହଞ୍ଚିଛି।

## ବେଆଇନ ବାଲିଘାଟରେ ଚଢ଼ାଉ

**ନାଉଗାଁ,୨।୧୦(ସ୍ୱ.ପ୍ର.)**

ନାଉଗାଁ ବ୍ଲକ ବଚ୍ଛାଳୋ ପଞ୍ଚାୟତ ଦେଇ ପ୍ରବାହିତ ଦେବୀନଦୀର ପାଳେନ୍ଦୀ ଘାଟରୁ ଗୁରୁବାର ରାତିରେ ବାଲି ଚୋରାଚାଲାଣବେଳେ ଏକ ଟ୍ରାକ୍ଟରକୁ ଜବତ କରାଯିବା ସହ ଚାଳକଙ୍କୁ ଅଟକ ରଖାଯାଇଛି। ସୂଚନାଯୋଗ୍ୟ, ଏହି ଘାଟ ତହସିଲ ପକ୍ଷରୁ ନିଲାମ କରାଯାଇ ନାହିଁ। କିନ୍ତୁ ଦୀର୍ଘ ଦିନ ଧରି ଟ୍ରାକ୍ଟର ଚାଳକ ଓ କେତେଜଣ ସ୍ଥାନୀୟ ଲୋକ ମିଶି ବେଆଇନଭାବେ ବାଲି ଚାଲାଣ କରୁଥିଲେ। ବାରମ୍ବାର ଏସଂକ୍ରାନ୍ତରେ ଗଣମାଧ୍ୟମରେ ଖବର ପ୍ରକାଶ ପାଉଥିଲେ ମଧ୍ୟ ପ୍ରଶାସନ ତରଫରୁ କୌଣସି କାର୍ଯ୍ୟପନ୍ଥା ଗ୍ରହଣ କରାଯାଉ ନ ଥିଲା। ଏପରିକି କିଛି ଦିନ ତଳେ ରୋହିଆ ଗ୍ରାମର କେତେଜଣ ଗ୍ରାମବାସୀ ଉକ୍ତ ଘାଟରୁ ବାଲି ଚାଲାଣ ହେଉଥିବା ନେଇ ଥାନାରେ ଅଭିଯୋଗ କରିଥିଲେ। ନାଉଗାଁ ଥାନା ପକ୍ଷରୁ ଚଢାଉ କରାଯାଇଥିଲେ ହେଁ ମାତ୍ର ଗୋଟିଏ ଟ୍ରାକ୍ଟର ଜବତ କରାଯିବା ସହ ଜଣେ ଚାଳକଙ୍କୁ ଅଟକ ରଖାଯାଇଛି। ଏସମ୍ପର୍କରେ ନାଉଗାଁ ଥାନା ପକ୍ଷରୁ ତହସିଲକୁ ଅବଗତ କରାଯାଇଛି। ତେବେ ସରକାରୀ ଛୁଟି ଥିବାରୁ ତହସିଲ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। କାର୍ଯ୍ୟାଳୟ ଖୋଲିଲେ ଜରିମାନା ଆଦାୟ କରାଯିବା ସହ ମାମଲା ରୁଜୁ କରାଯିବ ବୋଲି ତହସିଲଦାର ଜେ. କଳ୍ପନା ପ୍ରକାଶ କରିଛନ୍ତି।

**ଟ୍ରାକ୍ଟର ଜବତ, ଚାଳକ ଅଟକ**

**ଜିଲ୍ଲା ସ୍ତରୀୟ ନିଯୁକ୍ତି**
ସମସ୍ତ ଜିଲ୍ଲାରୁ ପ୍ରାର୍ଥୀ/ପ୍ରାର୍ଥିନି ଆବଶ୍ୟକ।
Qualification : 9th, 10th, +2, +3, ITI and Diploma.
Salary : Upto 30,000/-
Age : 18-35 years.
9668051710

**WANTED**
Financialy sound DISTRIBUTOR for Odisha. All district by a TV and Home Appliance Compnay.
Urgent response.
Call: 9938895656
8249964640

**APPOINTMENT**
Required Female candidate for HEALTH CENTER with English speaking & Computer knowledge.
Plot No.17, Bhimatangi
Contact: 9668814120

## ମାନସିକ ଭିନ୍ନକ୍ଷମ ଯୁବତୀଙ୍କୁ ବଳାତ୍କାର କରିଥିବା ଅଭିଯୁକ୍ତ ଅଟକ

**କୁଜଙ୍ଗ,୨।୧୦(ଡି.ଏନ.ଏ.)**

**ହାଇକୋର୍ଟଙ୍କ ରାୟ ପରେ ପୋଲିସ ତତ୍ପର**

କୁଜଙ୍ଗ ଥାନା ଅଞ୍ଚଳର ଜଣେ ମାନସିକ ଭିନ୍ନକ୍ଷମ ଯୁବତୀଙ୍କୁ ବଳାତ୍କାର କରିଥିବା ଅଭିଯୁକ୍ତଙ୍କୁ କ୍ରାଇମବ୍ରାଞ୍ଚ ଟିମ୍ ଶୁକ୍ରବାର ସାଲେପୁର ଅଞ୍ଚଳରୁ କାବୁକରି କୁଜଙ୍ଗ ପୋଲିସ ଜିମା ଦେଇଛି। କୁଜଙ୍ଗ ପୋଲିସ ତାଙ୍କୁ ଅଟକ ରଖି ଜେରା କରୁଥିବା ବିଶେଷସୂତ୍ରରୁ ଖବର ମିଳିଛି। ଗିରଫ ଅଭିଯୁକ୍ତ ହେଲେ ଏହି ଥାନା ଅନ୍ତର୍ଗତ ଫତେପୁର ଗ୍ରାମର ସିଲି ମାଝି(୩୫)। ସିଲି ୨୨ ବର୍ଷୀୟା ଯୁବତୀଙ୍କୁ ବଳାତ୍କାର କରିବା ସହ ୪ ମାସର ଗର୍ଭବତୀ କରାଇଥିଲେ। ଏ ସମ୍ପର୍କରେ ପୀଡ଼ିତାଙ୍କ ପରିବାର ପକ୍ଷରୁ ଗ୍ରାମସଭାରେ ଅଭିଯୋଗ ହୋଇଥିଲେ ମଧ୍ୟ ସୁଫଳ ମିଳି ନ ପାରିବାରୁ ପୀଡ଼ିତାଙ୍କ ମା' ଅଗଷ୍ଟ ୧୩ରେ କୁଜଙ୍ଗ ଥାନାରେ ଅଭିଯୋଗ କରିଥିଲେ। ତତ୍କାଳୀନ ଥାନା ଅଧିକାରୀ (ନଂ.୨୦୦/୨୦) ମାମଲା ରୁଜୁ କରି ବସି ପଡ଼ିଥିଲେ। ଫଳରେ ଅଭିଯୁକ୍ତ ଫେରାର ହେବାକୁ ସୁଯୋଗ ପାଇଥିଲେ। ପୀଡ଼ିତା ମାନସିକ ଭିନ୍ନକ୍ଷମ ହୋଇଥିବାରୁ ସେ ନିଜକାମ କରିପାରୁନାହାନ୍ତି। ସେ ଗର୍ଭବତୀ ଥିବାରୁ ତାଙ୍କଠାରୁ ଜନ୍ମନେବାକୁ ଥିବା ପିଲାର ଠିକ୍ଭାବେ ଭରପୋଷଣ କରିବା ସମ୍ଭବ ନୁହେଁ। ତେଣୁ ପୀଡିତାଙ୍କ ଗର୍ଭ ନଷ୍ଟ କରିବାକୁ ଅନୁମତି ଦେବାକୁ ପୀଡ଼ିତାଙ୍କ ମା' ଉଚ୍ଚ ନ୍ୟାୟାଳୟରେ ରିଟି ପିଟିଶନ ଆଗତ କରିଥିଲେ। ଯେହେତୁ ୫ ମାସରୁ ଉର୍ଦ୍ଧ୍ୱହେବ ପୀଡିତା ଗର୍ଭବତୀ ଅଛନ୍ତି, ତେଣୁ ଗର୍ଭପାତ କରାଇଲେ ଜୀବନ ପ୍ରତି ବିପଦ ଆସିପାରେ ବୋଲି କୋର୍ଟ କହିଥିଲେ। ପୀଡିତା ପରିବାର ଆର୍ଥିକ ଦୃଷ୍ଟିକୋଣରୁ ଦୁର୍ବଳ ଥିବାରୁ ରାଜ୍ୟ ସରକାର ୭ଦିନ ମଧ୍ୟରେ ପୀଡ଼ିତାଙ୍କୁ ୫ଲକ୍ଷ ଟଙ୍କା ପ୍ରଦାନ କରିବା ପାଇଁ ସେପ୍ଟେମ୍ବର ୨୩ରେ କୋର୍ଟ ରିଟି ପିଟିଶନର ଶୁଣାଣି କରି ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ପରେ ଅଭିଯୁକ୍ତଙ୍କୁ ଧରିବାପାଇଁ କ୍ରାଇମବ୍ରାଞ୍ଚ ଓ ପୋଲିସ ତତ୍ପରତା ପ୍ରକାଶ କରିଥିଲା। ଏ ସମ୍ପର୍କରେ କୁଜଙ୍ଗ ଥାନା ଅଧିକାରୀ ପାରାଓ ଟୁଡୁଙ୍କୁ ପଚାରିବାରେ ସେ ଗିରଫଦାରି ସମ୍ପର୍କରେ ସ୍ପଷ୍ଟ କରିନାହାନ୍ତି। ଶନିବାର ସବିଶେଷ ତଥ୍ୟଦେବେ ବୋଲି କହିଛନ୍ତି।

## ରାହୁଲଙ୍କୁ ଠେଲାପେଲା ଘଟଣାକୁ ବିରୋଧ



କଂଗ୍ରେସ ଯୁବ କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

**ତିର୍ତ୍ତୋଲ,୨।୧୦(ଡି.ଏନ.ଏ.)**

ଉତ୍ତରପ୍ରଦେଶରେ କଂଗ୍ରେସନେତା ରାହୁଲ ଗାନ୍ଧୀଙ୍କୁ ହୋଇଥିବା ଠେଲାପେଲା ଘଟଣାକୁ ବିରୋଧ କରିଛି ତିର୍ତ୍ତୋଲ ଯୁବ କଂଗ୍ରେସ। ଏନେଇ ଦଳ ତରଫରୁ ପ୍ରତିବାଦ ସଭା ସହ କରାଯିବା ସହ ପ୍ରଧାନମନ୍ତ୍ରୀ ଓ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ସ୍ଥାନୀୟ ସରଣୀ ଛକରୁ ଏକ ରାଲିରେ ଯୁବ କର୍ମୀମାନେ ଆସି ତିର୍ତ୍ତୋଲ କଲେଜ ଆଗରେ ବିଭିନ୍ନ ସ୍ଲୋଗାନ ଦେଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ ସେଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟ ନାଥଙ୍କ କୁଶପୁତ୍ତଳିକା ଦାହ କରିଥିଲେ। ତିର୍ତ୍ତୋଲ ନିର୍ବାଚନମଣ୍ଡଳୀ ଯୁବ କଂଗ୍ରେସ ସଭାପତି ବେଦଦ୍ୟୁତି ପୃଷ୍ଟିଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସାଫି ଆଜମ, ଆଶିଷ ମଲ୍ଲିକ, ଭିକି ନାଥଶର୍ମା, ବିଷ୍ଣୁ ରଞ୍ଜନ ସାହୁ ଓ ଦେବେନ୍ଦ୍ର ବେହେରା ପ୍ରମୁଖ ସାମିଲ ହୋଇଥିଲେ।

## ରିଲିଫ ବଣ୍ଟନରେ ଅନିୟମିତତା ଅଭିଯୋଗ

**ଚଣ୍ଡିଖୋଲ, ୨।୧୦ (ଡି.ଏନ.ଏ.)**



ଜିଲାପାଳଙ୍କୁ ଭାଜପା ରାଜ୍ୟ ସମ୍ପାଦକ ଅମର ନାୟକ ଦାବିପତ୍ର ପ୍ରଦାନ କରୁଛନ୍ତି।

ବଡ଼ଚଣା ବ୍ଲକରେ ଚଳିତବର୍ଷ ବନ୍ୟାରେ ୨୩ଟି ପଞ୍ଚାୟତର ୯୭ଟି ରାଜସ୍ୱ ଗ୍ରାମ କ୍ଷତିଗ୍ରସ୍ତ ହୋଇଥିବା ନେଇ ଯାଜପୁର ଜିଲା ପ୍ରଶାସନ ଆକଳନ କରିଛି। ଉକ୍ତ ଅଞ୍ଚଳର ବିପନ୍ନ ପରିବାରକୁ ୫୦ କି.ଗ୍ରା ଚାଉଳ ଓ ୫ଶହ ଲେଖାଏଁ ଟଙ୍କା ପ୍ରଦାନ ପାଇଁ ନିର୍ଦ୍ଦେଶ ରହିଥିବା ବେଳେ ଏଥିରେ ଅନିୟମିତତା କରାଯାଉଥିବା ଅଭିଯୋଗ ଆଣିଛି ଭାଜପା। ଭାଜପା ରାଜ୍ୟ ସମ୍ପାଦକ ଅମର ନାୟକ ଏ ନେଇ ଜିଲାପାଳଙ୍କୁ ଭେଟି ଅଭିଯୋଗ କରିଛନ୍ତି। ଅଭିଯୋଗ ମୁତାବକ, ୨୦୧୧ ଜନଗଣନା ଅନୁଯାୟୀ ୨୭ ହଜାର ୬୪୮ ପରିବାର ଥିବା ବେଳେ ୧୨ ପ୍ରତିଶତ ବର୍ଦ୍ଧିତ ପରିବାରକୁ ନେଇ ୩ ହଜାର ୩୧୮ ପରିବାରକୁ ରିଲିଫ ଦିଆଯିବ ବୋଲି ସୂଚନା ମିଳିଛି। ତେବେ ୨୦୧୧ ଜନଗଣାନାର ପରିବାର ସଂଖ୍ୟା ସମ୍ପର୍କରେ ରିଲିଫ ବଣ୍ଟନ ଦାୟିତ୍ୱରେ ଥିବା ପଞ୍ଚାୟତ କାର୍ଯ୍ୟନିର୍ବାହୀ, କନିଷ୍ଠ ଯନ୍ତ୍ରୀ ଓ ଗ୍ରାମ୍ୟ ରୋଜଗାର ସେବକମାନେ ବନ୍ୟା ବିପନ୍ନଙ୍କୁ ଭୁଆଁ ବୁଲାଉଛନ୍ତି। ଏକ ନିର୍ଦ୍ଦିଷ୍ଟ ଦଳର କର୍ମୀମାନଙ୍କ କଥାରେ ପଡ଼ି ରିଲିଫ ଚାଉଳ ଓ ଟଙ୍କା ହଡ଼ପ କରିବା ପାଇଁ ଯୋଜନା କରାଯାଉଥିବା ସେ ଅଭିଯୋଗ କରିଛନ୍ତି। ତେଣୁ ରିଲିଫ୍ ପାଇବାକୁ ତାଲିକା କରାଯାଇଥିବା ବିପନ୍ନ ପରିବାର ଓ ସଦସ୍ୟଙ୍କ ସଂଖ୍ୟା ସମ୍ପର୍କରେ ରିଲିଫ ବିତରଣ କେନ୍ଦ୍ରରେ ସୂଚନା ଫଳକ ଲଗାଯିବାକୁ ସେ ଦାବି କରିଛନ୍ତି। ଏହି ତାଲିକା ସାର୍ବଜନୀନ ହେଲେ ରିଲିଫ ବଣ୍ଟନରେ ସ୍ୱଚ୍ଛତା ରହିବ ବୋଲି ଅମର ତାଙ୍କ ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି। ଜିଲାପାଳ ତାଙ୍କ ଦାବିକୁ ଗ୍ରହଣ କରିବା ସହ ବିପନ୍ନ ପରିବାର ଓ ସଦସ୍ୟ ସଂଖ୍ୟା ସାର୍ବଜନୀନ କରିବାକୁ ବଡ଼ଚଣା ବିଡ଼ିଓଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାଯାଇଛି।

- ଜିଲାପାଳଙ୍କୁ ଭେଟି ଅଭିଯୋଗ କଲେ ଭାଜପା ରାଜ୍ୟ ସମ୍ପାଦକ
- ସାର୍ବଜନୀନ କରାଯାଉ ବନ୍ୟାବିପନ୍ନ ପରିବାର ଓ ସଦସ୍ୟଙ୍କ ତାଲିକା

## ଗୋକର୍ଣ୍ଣେଶ୍ୱର ବ୍ରାହ୍ମଣୀ ପଠାରେ ସ୍ୱର୍ଗଦ୍ୱାର ନିର୍ମାଣ ଦାବି

**ଧର୍ମଶାଳା, ୨।୧୦ (ଡି.ଏନ୍.ଏ.):** ଧର୍ମଶାଳା ବ୍ଲକର ଜାରକା ଅଞ୍ଚଳରେ ସାର୍ବଜନୀନ ଶ୍ମଶାନ ନ ଥିବାରୁ ସ୍ଥାନୀୟ ଅଧିବାସୀ ତଥା ଆଖପାଖ ଅଞ୍ଚଳର ଜନସାଧାରଣ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଏଠାରେ ଏକ ଶ୍ମଶାନ ନିର୍ମାଣ କରିବା ନିମନ୍ତେ ଧର୍ମଶାଳାର ପୂର୍ବତନ ବିଧାୟକ ତଥା ଖଦି ବୋର୍ଡ ନିର୍ଦ୍ଦେଶକ ରବି ଲାବଣ୍ୟ ଯାଜପୁର ଜିଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋରଙ୍କୁ ଗୁରୁବାର ଭେଟି ଦାବି କରିଛନ୍ତି। ଜାରକା ଦେଇ ପ୍ରବାହିତ ବ୍ରାହ୍ମଣୀ ନଦୀର ଗୋକର୍ଣ୍ଣେଶ୍ୱର ମନ୍ଦିର ନିକଟରେ ଏକ ଶ୍ମଶାନ ନିର୍ମାଣ କରି ଗୋକର୍ଣ୍ଣେଶ୍ୱର ସ୍ୱର୍ଗଦ୍ୱାର ନାମରେ ନାମିତ କରିବାକୁ ଲାବଣ୍ୟ ଦାବି କରିଛନ୍ତି। ଜିଲାପାଳ ସମସ୍ୟାର ସମାଧାନ ପାଇଁ ପ୍ରତିଶ୍ରୁତି ଦେବା ସହ ଧର୍ମଶାଳା ତହସିଲଦାରଙ୍କୁ ଏ ନେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିବା ଲାବଣ୍ୟ ସୂଚନା ଦେଇଛନ୍ତି।

**PANCHAYAT SAMITI OFFICE, TALCHER**
No.2519/ Dt.28.09.2020
**CORRIGENDUM**
In connection with Tender Call Notice No.-TAL-01/2020-21/dt.07.09.2020, as per the decision of Tender Committee, the sale of bid document is hereby extended till 15.10.2020 and the bid documents will be received upto 20.10.2020 (5 P.M.) through Speed Post / Regd. Post only. Tender paper will be opened i.e. on dt.21.10.2020 at 10.30 A.M. The other term & condition will be remained unchanged. Any mistake will be rectified by the tender committee.
Sd./- Block Development Officer
Talcher

## ବ୍ୟାପକ ଲଘୁ ଖଣିଜ ଚୋରାଚାଲାଣ

**କଳିଙ୍ଗନଗର, ୨।୧୦ (ଡି.ଏନ୍.ଏ.)**

**ଦାନଗଦୀ ତହସିଲ**

- ଦିନରେ ବନ୍ଦ, ରାତିସାରା ଚାଲୁଛି ଚୋରା କାରବାର
- ଯଖପୁରା, ମାଣତିରା, ମଙ୍ଗଳପୁର ପଞ୍ଚାୟତର ଜଙ୍ଗଲ ଜମିରୁ ମୋରମ୍ ଚୋରା ଚାଲାଣ ବଢୁଛି



ଯଖପୁରା ମୌଜାର ବେଆଇନ ମୋରମ ଖାଦାନ।

ଦାନଗଦୀ ତହସିଲ ଅଧୀନ ଯଖପୁରା, ମାଣତିରା, ମଙ୍ଗଳପୁର ପଞ୍ଚାୟତର ଜଙ୍ଗଲ ଜମିରୁ ବ୍ୟାପକ ମୋରମ ଚୋରା ଚାଲାଣ ହେଉଛି। ଖପୁରିଆପଦା ପଞ୍ଚାୟତର ଖପୁରିଆପଦା ଏବଂ ଚକୁଆ ଗ୍ରାମସ୍ଥିତ ଦୁଇଗୋଟି ବାଲିଘାଟରୁ ଦୀର୍ଘବର୍ଷ ହେବା ବେଆଇନ ଭାବେ ବାଲି ଚାଲାଣ ହେଉଛି। ସେଠାରୁ ବାଲି ଚୋରାରେ ନେଇ ଯାଜପୁର ରୋଡ, ଦାନଗଦୀ ଏବଂ କଳିଙ୍ଗନଗର ହେଉଥିବା ବିଭିନ୍ନ ନିର୍ମାଣ କାର୍ଯ୍ୟରେ ବ୍ୟବହାର କରାଯାଉଛି। ତହସିଲର କେତେଜଣ କର୍ମଚାରୀ ଓ ଅସାଧୁ ବ୍ୟବସାୟୀଙ୍କ ଅସାଧୁ ମେଣ୍ଟ ଯୋଗୁ ଦୀର୍ଘବର୍ଷ ହେବ ଚୋରା କାରବାର ଚାଲିଆସୁଛି ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଦୀର୍ଘଦିନ ହେବ ମୋରମ ଖାଦାନ ଏବଂ ବାଲିଘାଟକୁ ନିଲାମ କରାଯାଉ ନ ଥିବାରୁ ଚୋରା କାରବାର ବ୍ୟାପକ ହେଉଛି। ଏବଂ ବିଭାଗୀୟ କର୍ତ୍ତୃପକ୍ଷ ଏହା ଉପରେ ଅଙ୍କୁଶ ଲଗାଇ ପାରୁ ନ ଥିବା ଦେଖାଯାଉଛି। ଏ ନେଇ 'ଧରିତ୍ରୀ' ଖବରକାଗଜରେ ଖବର ପ୍ରକାଶିତ ହେବା ପରେ ତହସିଲ ପ୍ରଶାସନ ପକ୍ଷରୁ ତରବରିଆ ଭାବେ ଘାଟ ନିଲାମ ପାଇଁ ଇସ୍ତାହାର ପ୍ରକାଶ ପାଇଛି। ଫଳରେ ଏବେ ଦିନରେ ଚୋରାରେ ବାଲି ଚାଲାଣ ବନ୍ଦ ରହୁଥିବା ବେଳେ ରାତିସାରା ଶହ ଶହ ଟ୍ରିପ୍ ଟ୍ରାକ୍ଟର ଓ ଟ୍ରକ୍ ଯୋଗେ ବାଲି ଓ ମୋରମ୍ ଚୋରା ଚାଲାଣ ହେଉଥିବା ସ୍ଥାନୀୟ ଲୋକେ ଅଭିଯୋଗ ଆଣିଛନ୍ତି। ଏନେଇ ଦାନଗଦୀ ତହସିଲଦାର ନର୍ମଦା ମୋଦିଙ୍କୁ ଯୋଗାଯୋଗ କରାଯାଇଥିଲେ ବି ସେ ଫୋନ୍ ନ ଉଠାଇବାରୁ ତାଙ୍କ ମତାମତ ନିଆଯାଇପାରିନାହିଁ।

**DISTRICT PROJECT OFFICE**
**RTE-SAMAGRA SHIKSHA, JAJPUR**
**TENDER CALL NOTICE No. 1769/ Dt. 28.09.2020**
**No. n-22:-** Sealed tenders under two bid system are invited from the Authorised eligible manufacturing company / dealer having valid PAN/GST registration certificate for supply of **Godrej make** furniture i.e. Chairs, Tables and Almirahs. The quotation will be received up to **5 P.M.** on **15.10.2020** and will be opened on **16.10.2020** at **11 A.M.** in presence of the quotationers or their authorized representatives in the O/o the DPC, SS, Jajpur.
The detail tender call notice along with all other terms and conditions can be downloaded from the district website **www.Jajpur.nic.in**
*By order of Collector-cum-Chariman,*
*RTE-SS, Jajpur*
**Sd./- District Project Coordinator,**
**RTE-SS, Jajpur**
OIPR-27047/11/0001/2021

## ଜିଲାସ୍ତରୀୟ ଗାନ୍ଧୀ ଜୟନ୍ତୀ

**ନୟାଗଡ଼ ଅଫିସ:** ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଜିଲାସ୍ତରୀୟ ଗାନ୍ଧୀ ଜୟନ୍ତୀ ଶୁକ୍ରବାର ପାଳନ କରାଯାଇଛି। ଭୋର ୪ଘଟିକା ସମୟରେ ଡାକବାଜି ଯନ୍ତ୍ର ଯୋଗେ ରାମଧୂନ ଗାନ କରାଯାଇଥିଲା। ସକାଳ ୯ଟାରେ ତ୍ରିନାଥ ଛକଠାରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମୁଖ୍ୟଅତିଥି ଜିଲାପାଳ ପୋମା ଟୁଡୁଙ୍କ ସମେତ ଅତିରିକ୍ତ ଜିଲାପାଳ ବିଧାନ ଚନ୍ଦ୍ର ରାୟ, ଉପଜିଲାପାଳ ଲଗ୍ନଜିତ ରାଉତ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରମୋଦ କୁମାର ନାୟକ, ଜିଲା ସଂସ୍କୃତି ଅଧିକାରୀ ଟଙ୍କଧର ଭୋଇ, ପୌର ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ଜେନା ପ୍ରମୁଖ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ।

### ସଂକ୍ଷେପରେ

## ମା' ସିଦ୍ଧିଦାତ୍ରୀଙ୍କ ଭଦ୍ରକାଳୀ ବେଶ



**ନାଉଗାଁ,୨।୧୦(ସ୍ୱ.ପ୍ର.):** ଜଗତ୍‌ସିଂହପୁର ବ୍ଲକ ସରାଣ୍ଡୋସ୍ଥିତ ମା'ସିଦ୍ଧିଦାତ୍ରୀ ସର୍ବମଙ୍ଗଳା ପୀଠରେ ଶାରଦୀୟ ପାର୍ବଣ ପୂଜା ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ତ୍ରିବିଂଶ ତମ ଦିବସରେ ମା'ସିଦ୍ଧିଦାତ୍ରୀଙ୍କୁ ଭଦ୍ରାକାଳୀ ବେଶରେ ସୁସଜ୍ଜିତ କରାଯାଇଛି।

## 'ମାଟିର ଆଲୋକ' ସ୍ମରଣିକା ଉନ୍ମୋଚିତ

**ଯାଜପୁର ଅଫିସ,୨।୧୦:** ଦଶରଥପୁର ବ୍ଲକ ସୋଲପାଟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ତଥା ସାହିତ୍ୟିକ ବଟକୃଷ୍ଣ ବେହେରାଙ୍କ ସ୍ମୃତିଚାରଣ ସଭା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ନଟବର ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବ୍ଲକ ସହ ଶିକ୍ଷା ଅଧିକାରୀ ଅନ୍ନଦାପ୍ରସାଦ ରଣା, ହିମାଂଶୁ ପରିଡ଼ା, ପୂର୍ବତନ ପ୍ରଧାନ ଶିକ୍ଷକ ସତ୍ୟାନନ୍ଦ ରାୟ, ରଶ୍ମିରଞ୍ଜନ ବେହେରା, ଶିକ୍ଷକ ଶ୍ରୀକାନ୍ତ ସାହୁ ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ସ୍ୱର୍ଗତ ବେହେରାଙ୍କ ସ୍ମୃତିରେ 'ମାଟିର ଆଲୋକ' ନାମକ ଏକ ସ୍ମରଣିକା ଉନ୍ମୋଚିତ ହୋଇଥିଲା। ଶିକ୍ଷକ ନିଗମାନନ୍ଦ ମାହୁନ୍ତ ସଭାକାର୍ଯ୍ୟ ପରିଚାଳନା କରିଥିବାବେଳେ ବହୁ ଶିକ୍ଷୟିତ୍ରୀ ଓ ଶିକ୍ଷକ ସହଯୋଗ କରିଥିଲେ।

## ପ୍ରଥମ ପର୍ଯ୍ୟାୟରେ ନାମ ଲେଖାଇଲେ ୧୬୪୪

**ଧର୍ମଶାଳା, ୨।୧୦ (ଡି.ଏନ୍.ଏ.):** ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଯୁକ୍ତ ୨ କଳା, ବିଜ୍ଞାନ ଓ ବାଣିଜ୍ୟରେ ନାମ ଲେଖା ପ୍ରଥମ ପର୍ଯ୍ୟାୟ ଇତିମଧ୍ୟରେ ଶେଷ ହୋଇଛି। ଧର୍ମଶାଳା ବ୍ଲକ ଅଧୀନ ୬ଟି ଜୁନିୟର କଲେଜରେ ପ୍ରଥମ ପର୍ଯ୍ୟାୟରେ କଳା, ବିଜ୍ଞାନ ଓ ବାଣିଜ୍ୟରେ ମୋଟ ୧୬୪୪ଜଣ ନାମ ଲେଖାଇଥିବା ସୂଚନା ମିଳିଛି। ଧର୍ମଶାଳା ଯୁକ୍ତ ୨ ଜୁନିୟର କଲେଜରେ କଳାରେ ପ୍ରଥମ ପର୍ଯ୍ୟୟରେ ୨୩୦ଜଣ, ବିଜ୍ଞାନରେ ୮୩ଜଣ ଓ ବାଣିଜ୍ୟରେ ୧୫ ଜଣ ନାମ ଲେଖାଇଛନ୍ତି। ସେହିପରି ମୁକୁନ୍ଦପାତ୍ର ଜୁନିଅର କଲେଜରେ କଳାରେ ୨୪୦ ଓ ବିଜ୍ଞାନରେ ୧୩୬, ବଜ୍ରଗିରି ଜୁନିୟର କଲେଜର କଳାରେ ୨୯୦ ଓ ବିଜ୍ଞାନରେ ୫୫, ଜଗନ୍ନାଥ ଜୀଉ ଜୁନିୟର କଲେଜରେ କଳାରେ ୨୩୩ ଓ ବିଜ୍ଞାନରେ ୧୪ ଜଣ ନାମ ଲେଖାଇଛନ୍ତି। ସେହିପରି ଜେନାପୁର ଜୁନିୟର କଲେଜରେ କଳାରେ ୨୩୮, ଧର୍ମଶାଳା ମହିଳା ଜୁନିୟର କଲେଜରେ କଳାରେ ୧୧୮ ଜଣ ନାମ ଲେଖାଇଥିବା କଲେଜ ଅଧକ୍ଷମାନେ ସୂଚନା ଦେଇଛନ୍ତି। ଦ୍ୱିତୀୟ ପର୍ଯ୍ୟାୟ ନାମ ଲେଖା ପଇଁ ଅକ୍ଟୋବର ୩ ତାରିଖରେ କଟ୍ ଅଫ୍ ମାର୍କ ପ୍ରକାଶ ପାଇବ।

# କିରୋସିନ ନ ମିଳିବାରୁ ଅସନ୍ତୋଷ

**ଚଣ୍ଡିଖୋଲ, ୨।୧୦ (ଡି.ଏନ୍.ଏ)**

### ବଡ଼ଚଣା ବ୍ଲକ

- ଟଙ୍କା ଜମା କଲା ପରେ ବି କିରୋସିନ ପାଇନାହାନ୍ତି ରିଟେଲର
- ୨ ମାସରେ ୮୪ ଲିଟର କିରୋସିନ ମିଳିନି

> ଜୁଲାଇରେ କରୋନା ଯୋଗୁ ଡିପୋର କର୍ମଚାରୀମାନେ କ୍ୱାରାଣ୍ଟାଇନ ସେଣ୍ଟରରେ ରହିଗଲେ। ତେଣୁ କିରୋସିନ ଉଠାଯାଇପାରି ନଥିଲା।
> -ସିଟି କିରୋସିନ ମାଲିକ ବଜରଙ୍ଗଲାଲ ଶର୍ମା

ଯାଜପୁର ଜିଲା ବଡ଼ଚଣା ବ୍ଲକର ୪୩ ଗୋଟି ପଞ୍ଚାୟତ ପାଇଁ ପ୍ରତି ଦୁଇ ମାସରେ ୧ ଲକ୍ଷ ୮୦ ହଜାର ଲିଟର କିରୋସିନ ଉଠାଣ ହୋଇଥାଏ। ବଡ଼ଚଣା ବ୍ଲକ ପାଇଁ ପାଇକାରୀ ବିକ୍ରେତା ଭାବେ ଲାଇସେନ୍ସ ପାଇଥିବା ସିଟି କିରୋସିନ ପ୍ରତି ମାସରେ କିରୋସିନ ଆଣିବା ସହ ରିଟେଲରଙ୍କୁ ପ୍ରଦାନ କରିଥାଏ। ହେଲେ ଗତ ଜୁଲାଇ ଓ ଅଗଷ୍ଟରେ କେତେଜଣ ରିଟେଲର ଟଙ୍କା ଜମା ଦେଇଥିଲେ ବି ସେମାନଙ୍କୁ କିରୋସିନ ମିଳି ନ ଥିବା ଅଭିଯୋଗ କରିଛନ୍ତି। ଫଳରେ ହିତାଧିକାରୀମାନେ ମଧ୍ୟ କିରୋସିନ ପାଇପାରି ନାହାନ୍ତି। ପ୍ରାୟ ୮୪ ହଜାର ଲିଟର କିରୋସିନ ରିଟେଲରମାନଙ୍କୁ ପ୍ରଦାନ କରାଯାଇ ନ ଥିବା ଅଭିଯୋଗ ହୋଇଥିବା ବେଳେ ଖାଉଟିମାନେ ଏ ନେଇ ଅସୁବିଧା ଭୋଗୁଥିବା ଦେଖାଯାଇଛି।

ଇଣ୍ଡିଆନ ଅଏଲ୍ ତରଫରୁ ଚଣ୍ଡିଖୋଲଠାରେ ଥିବା ଏହି ଡିପୋ (ସିଟି କିରୋସିନ)କୁ ନିୟମ ଅନୁସାରେ ପ୍ରତି ୨ମାସରେ ୧ଲକ୍ଷ ୮୦ ହଜାର ଲିଟର କିରୋସିନ ଯୋଗାଣ କରାଯାଇଥାଏ। ଲଗାତାର ୧ମାସ ଗାଡ଼ି ଆସିବା ସମୟରେ ବିଭିନ୍ନ ପଞ୍ଚାୟତର ରିଟେଲରଙ୍କୁ କିରୋସିନ ଯୋଗାଣ କରାଯାଇଥାଏ। ହେଲେ ଗତ ଜୁଲାଇ ଓ ଅଗଷ୍ଟରେ ବହୁ ରିଟେଲର ଟଙ୍କା ଜମା କରିଥିବା ବେଳେ ସେମାନଙ୍କୁ କିରୋସିନ ଦିଆଯାଇ ନାହିଁ। ପୂର୍ବରୁ କିରୋସିନ ଯୋଗାଣରେ ହେରଫେର ହେଉଥିବା ଅଭିଯୋଗ ହୋଇ ଆସୁଥିବା ବେଳେ ଉକ୍ତ ୨ମାସର ଘଟଣାକୁ ନେଇ ଖାଉଟି ଓ ରିଟେଲରଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଇଣ୍ଡିଆନ ଅଏଲ୍‌ର ୭ ଗାଡ଼ି କିରୋସିନ ଦେଇ ନ ଥିବା ଯୋଗୁ ଏଭଳି ଅବସ୍ଥା ଦେଖାଦେଇଛି ବୋଲି ପାଇକାରୀ ବିକ୍ରେତା ସିଟି କିରୋସିନ ସଫେଇ ଦେଇଛି।ଏ ସମ୍ପର୍କରେ ଜିଲା ପ୍ରଶାସନଠାରୁ ଆରମ୍ଭ କରି ଯୋଗାଣ ବିଭାଗ ସଚିବଙ୍କୁ ଅଭିଯୋଗ କରାଯାଇଥିଲେ ବି କିଛି ସୁଫଳ ମିଳିନାହିଁ। ତେଣୁ ଖାଉଟିମାନେ କିପରି କିରୋସିନ ପାଇବେ ସେ ନେଇ ସନ୍ଦେହ ପ୍ରକାଶ ପାଇଛି। ଗତ ମାର୍ଚ୍ଚରୁ କୋଭିଡ୍ କଟକଣା ଯୋଗୁ ସାଧାରଣ ଲୋକେ ଆର୍ଥିକ ଦୁରବସ୍ଥା ଦେଇ ଗତି କରୁଥିବା ବେଳେ ଚଳିତ ବନ୍ୟା ଲୋକଙ୍କ ଦୁର୍ଦ୍ଦଶା ବଢ଼ାଇ ଦେଇଛି। ଏ ଭିତରେ କିରୋସିନ ବଣ୍ଟନରେ ହେରଫେର ନେଇ ସାଧାରଣରେ ଅସନ୍ତୋଷ ବ୍ୟାପକ ହେଉଛି। ଏ ସମ୍ପର୍କରେ ବଡ଼ଚଣା ବ୍ଲକ ଯୋଗାଣ ଅଧିକାରୀ ବିଶ୍ୱଜିତ ମିଶ୍ରଙ୍କୁ ପଚାରିବାରେ ସିଟି କିରୋସିନ ତେଲ ଉଠାଇ ନ ପାରିବାରୁ ୮୪ହଜାର ଲିଟର କିରୋସିନ କମ୍ ମିଳିଛି। ଏ ସମ୍ପର୍କରେ ଜିଲାପାଳ କାରଣ ଦର୍ଶାଅ ନୋଟିସ୍ ଜାରି କରିଛନ୍ତି। ତେବେ ଏ ସମ୍ପର୍କରେ ଯୋଗାଣ ସଚିବଙ୍କୁ ମଧ୍ୟ ସୂଚନା ଦିଆଯାଇଛି। ସିଟି କିରୋସିନର ମାଲିକ ବଜରଙ୍ଗଲାଲ ଶର୍ମାଙ୍କୁ ପଚାରିବାରେ, ଜୁଲାଇରେ କରୋନା ଯୋଗୁ ଡିପୋର କର୍ମଚାରୀମାନେ କ୍ୱାରାଣ୍ଟାଇନ ସେଣ୍ଟରରେ ରହିଗଲେ। ଫଳରେ କିରୋସିନ ଉଠାଇବାରେ ବିଳମ୍ବ ହେଲା। ପରେ ଏହି ୮୪ ହଜାର ଲିଟରେ କିରୋସିନ ମାଗିବାରୁ କମିଶନର ଦେବାକୁ ମନା କରିଛନ୍ତି ବୋଲି କହିଛନ୍ତି।

## ୮ ଶୁଆ ଉଦ୍ଧାର କରି ମୁକ୍ତାକାଶରେ ଛାଡ଼ିଲା ବନ ବିଭାଗ



ଶୁଆଗୁଡ଼ିକୁ ମୁକ୍ତାକାଶରେ ଛଡ଼ାଯାଉଛି।

**ରଘୁନାଥପୁର,୨।୧୦(ଡି.ଏନ.ଏ.)**

ଜଗତ୍‌ସିଂହପୁର ବନ ବିଭାଗ ପକ୍ଷରୁ ରେଞ୍ଜର ବଳରାମ ସାହୁଙ୍କ ନେତୃତ୍ୱରେ ଫରେଷ୍ଟର ରାଜେନ୍ଦ୍ର ସାମନ୍ତରାୟ ଓ ସୁକାନ୍ତ ବେହେରା ସ୍ଥାନୀୟ ନୂଆପୋଲ ଶବରସାହିରେ ଚଢ଼ାଉ କରି ବିକ୍ରି ପାଇଁ ୫ଟି ପଞ୍ଜୁରିରେ ଥିବା ୮ ଶୁଆକୁ ଉଦ୍ଧାର କରି ମୁକ୍ତାକାଶରେ ଛାଡ଼ିଛନ୍ତି। ବନାଞ୍ଚଳ ଅଧିକାରୀ ସୁଦର୍ଶନ ପାତ୍ରଙ୍କ ନିର୍ଦ୍ଦେଶକ୍ରମେ କର୍ମଚାରୀମାନେ ଚଢ଼ାଉ କରିଥିଲେ। ତେବେ ଶୁଆଗୁଡ଼ିକୁ ବିକ୍ରି ପାଇଁ ରଖିଥିବା ବ୍ୟକ୍ତିମାନେ କର୍ମଚାରୀଙ୍କୁ ଦେଖି ଫେରାର ହୋଇଯାଇଥିଲେ। ଅଧିକାରୀମାନେ ଶୁଆଗୁଡ଼ିକୁ ଆଣି ଦେସରଦେଉଳସ୍ଥିତ ସହରାଞ୍ଚଳ ବନୀକରଣଠାରେ ମୁକ୍ତାକାଶରେ ଛାଡିଥିଲେ। ଚଢ଼ାଉରେ ବନରକ୍ଷୀ ସରସ୍ୱତୀ ଶୁଭଶ୍ରୀ ସାହୁ, ରାକେଶ ପାଲ, ଅଶୋକ ମହାନ୍ତି ଓ ଦିଲୀପ ମହାନ୍ତି ସାମିଲ ଥିଲେ।

## କୃଷି ବିଲ୍ ପ୍ରତ୍ୟାହାର ଦାବିରେ କଂଗ୍ରେସର ବିକ୍ଷୋଭ



ଉପଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଉଛି।

**ନୟାଗଡ଼ ଅଫିସ,୨।୧୦**

କୃଷି ବିଲ୍ ୨୦୨୦ ପ୍ରତ୍ୟାହାର ଦାବିରେ ନୟାଗଡ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ କଂଗ୍ରେସ ପକ୍ଷରୁ ଶୁକ୍ରବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଦଳୀୟ ନେତୃବୃନ୍ଦ ତ୍ରିନାଥ ଛକରେ ଗାନ୍ଧୀଙ୍କ ମୂର୍ତ୍ତିରେ ପୁଷ୍ପମାଲ୍ୟ ଦେଇ ଚାଷୀଙ୍କ ସହ ପଦଯାତ୍ରାରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ପରେ ପ୍ରତିବାଦ ସଭା କରି କେନ୍ଦ୍ରର ମୋଦି ଓ ରାଜ୍ୟର ନବୀନ ସରକାରଙ୍କୁ ସମାଲୋଚନା କରିଥିଲେ। ଜିଲା କଂଗ୍ରେସର ପୂର୍ବତନ ସଭାପତି ରଣଜିତ୍ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପିସିସିର ପୂର୍ବତନ ସଭାପତି ପ୍ରସାଦ ହରିଚନ୍ଦନ ଯୋଗଦେଇ କହିଥିଲେ, ଚାଷୀ କୃଷି ଋଣ ପାଉନି। ଘରୋଇ ସଂସ୍ଥାଠାରୁ ଋଣ ଆଣି ପରିଶୋଧ କରିପାରୁନି। କରଜ ବଢୁଛି, ଜମି ନିଲାମ ହେଉଛି। ପ୍ରତିକାର ନ ଥିବାରୁ ଚାଷୀ ଆତ୍ମହତ୍ୟା କରୁଛି। ସୁନାର ମୂଲ୍ୟ ଦୁଇଗୁଣା ହୋଇଗଲାଣି। ଧାନର ମୂଲ୍ୟ ସ୍ୱଳ୍ପ ଟଙ୍କା ବଢ଼ାଇ ବାହାବା ନିଆଯାଉଛି। ନିର୍ବାଚନୀ ଇସ୍ତାହାରରେ ପ୍ରଧାନମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ ଚାଷର ଉତ୍ପାଦନ ଖର୍ଚ୍ଚର ଦୁଇଗୁଣା କରିଦେବେ। ହେଲେ ଏହା ପାଣିର ଗାର ହୋଇ ରହିଗଲା। ଦଶପଲ୍ଲା ବ୍ଲକର ବୃତ୍ତଙ୍ଗ ଜଳସେଚନ ଯୋଜନା କୋମାରେ ରହିଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ଘୋଷଣା କରିଥିଲେ ବୃତ୍ତଙ୍ଗ ଜଳସେଚନ ଯୋଜନା ଶୀଘ୍ର କାର୍ଯ୍ୟକାରୀ ହେବ। ତେବେ ପୁଅ ନବୀନ ୨୦ ବର୍ଷ ମୁଖ୍ୟମନ୍ତ୍ରୀ ରହିଲେଣି। ଅଥଚ ଜାତୀୟ ଜଳ ଆୟୋଗ ପକ୍ଷରୁ ଏହି ଯୋଜନା ପାଇଁ ଅନୁମତି ମିଳୁନି। ଚାଷୀଙ୍କ ପାଇଁ ଭାଜପା ଓ ବିଜେଡିର ଦରଦ ଏଥିରୁ ଅନୁମେୟ। ଚାଷୀମାନେ ଉଭୟ ସରକାରଙ୍କୁ ଉଚିତ ଜବାବ ଦିଅନ୍ତୁ। ସେହିପରି କୃଷି ବିଲ୍ ୨୦୨୦କୁ କେନ୍ଦ୍ର ସରକାର ତୁରନ୍ତ ପ୍ରତ୍ୟାହାର କରି ନିଅନ୍ତୁ ବୋଲି କହିଥିଲେ। ଶେଷରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଉପଜିଲାପାଳ ଲଗ୍ନଜିତ୍ ରାଉତଙ୍କୁ ସ୍ମାରକପତ୍ର ଦିଆଯାଇଥିଲା। ଅନ୍ୟପକ୍ଷେ ରାହୁଲ ଗାନ୍ଧୀଙ୍କୁ ୟୁପି ପୋଲିସର ଆକ୍ରମଣକୁ ନିନ୍ଦା କରାଯାଇଥିଲା। ୟୁପି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ଇସ୍ତଫା ଦାବି କରାଯାଇ ତାଙ୍କ କୁଶ ପୁତ୍ତଳିକା ଦାହ କରାଯାଇଥିଲା। କଂଗ୍ରେସ ନେତା ମନୋଜ ସାହୁ, ଫକିର ମଲ୍ଲ, ଉମାରାଣୀ ପାଣି, ହୁସେନ ଖାଁନ, ନାରାୟଣ ଜେନା ପ୍ରମୁଖ ଯୋଗଦେଇଥିଲେ।

## ଗାନ୍ଧୀ, ଶାସ୍ତ୍ରୀ ଜୟନ୍ତୀ

**ଯାଜପୁର ଟାଉନ/ଧର୍ମଶାଳା, ୨।୧୦ (ଡି.ଏନ୍.ଏ.)**

ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ଅବସରରେ ଶୁକ୍ରବାର ଯାଜପୁର ଜିଲା ପ୍ରଶାସନ ପକ୍ଷରୁ ଜିଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋର ଗାନ୍ଧୀଛକଠାରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ ଗୌତମ ବୁଦ୍ଧ ସଂସ୍କୃତି ଭବନ ଓ ଜିଲା ସ୍କୁଲଠାରେ ଗାନ୍ଧିଜୀ, ଶାସ୍ତ୍ରୀଜୀ ଓ ଅନ୍ୟ ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଆଇଏଏସ୍ ପ୍ରୋବେସନର ସଚିନ ପାୱାର, ପ୍ରକଳ୍ପ ନିର୍ଦ୍ଦେଶକ ଇନ୍ଦ୍ରମଣି ନାୟକ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଜିଲା ସ୍କୁଲ ସମ୍ମୁଖରେ ସାଇକେଲ୍ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ସେହିପରି ଧର୍ମଶାଳା ବ୍ଲକ ଚହଟା ପଞ୍ଚାୟତ ଭାଲୁଖାଇଠାରେ ଗାନ୍ଧି ଜୟନ୍ତୀ ଉତ୍ସବ ଫାଉଣ୍ଡେଶନ ସଭାପତି ଅଖିଳ କୁମାର ସ୍ୱାଇଁଙ୍କ ଅଧକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ କିଶାନ ପଣ୍ଡା, ବସନ୍ତ ପରିଡା, ମିନତୀ ସାହୁ, ପ୍ରଭୁଦତ୍ତ ଜେନା ପ୍ରମୁଖ ଯୋଗଦେଇଥିଲେ। ସେହିପରି କୁମାରୀସ୍ଥିତ କଂଗ୍ରେସ କାର୍ଯ୍ୟାଳୟରେ ସଭାପତି ପ୍ରଫୁଲ୍ଲ ରାୟଙ୍କ ଅଧକ୍ଷତାରେ ଗାନ୍ଧି ଜୟନ୍ତୀ ପାଳିତ ହୋଇଯାଇଛି। ଏଥିରେ କଂଗ୍ରେସ ନେତା କିଶାନ ପଣ୍ଡା, ସୁଧାକର ରାଉତ, ଦେବାଶିଷ ପରିଡା ପ୍ରମୁଖ ଯୋଗଦେଇଲେ।

## ଭିସା ଷ୍ଟିଲ୍ ପକ୍ଷରୁ ସ୍ୱଚ୍ଛତା ଅଭିଯାନ

**କଳିଙ୍ଗନଗର,୨।୧୦(ଡି.ଏନ.ଏ.)**

ଯାଜପୁର ଜିଲା କଳିଙ୍ଗନଗର ଭିସା ଷ୍ଟିଲ୍ ପକ୍ଷରୁ ଶୁକ୍ରବାର ସ୍ୱଚ୍ଛତା ଅଭିଯାନ ଆରମ୍ଭ ହୋଇଛି। ଏହି ଅବସରରେ କୋଭିଡ୍ ଗାଇଡ୍ ଲାଇନକୁ ମାନି କର୍ମଚାରୀମାନେ ଶ୍ରମଦାନ କରିଥିଲେ। ଏହାସହ ସିଏସ୍ଆର୍ ଯୋଜନାରେ ଦାନଗଦି, ଯାଜପୁରରୋଡ୍ ଓ ଯଖପୁରା ସିଏଚ୍‌ସିରେ ଚିକିତ୍ସାଧୀନ ରୋଗୀମାନଙ୍କୁ କୋଭିଡ୍-୧୯ ସୁରକ୍ଷା କିଟ୍ସ, ସାନିଟାଇଜର, ମାସ୍କ, ଟୋପି ଆଦି ବଣ୍ଟନ କରାଯାଇଛି। ଏହାସହ ଯାଜପୁରରୋଡ୍, ଦାନଗଦି ସିଏଚ୍‌ସି ଓ ଯଖପୁରା ପିଏଚ୍‌ସି ପରିସରକୁ ସାନିଟାଇଜ୍ କରାଯାଇଥିଲା। ସେହିପରି ଗାନ୍ଧୀ ଜୟନ୍ତୀ ଅବସରରେ କରୋନା ସଂକ୍ରମଣ ଓ ଏହାର ନିରାକରଣ ସମ୍ପର୍କରେ ଏକ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।



ଦାନଗଦି ଡାକ୍ତରଖାନାରେ ଚିକିତ୍ସାଧୀନ ରୋଗୀଙ୍କୁ କରୋନା କିଟ୍ ବଣ୍ଟନ କରାଯାଉଛି।

## ଜନଶକ୍ତି ପାର୍ଟିର ଧାରଣା

**କେନ୍ଦ୍ରାପଡ଼ା ଅଫିସ, ୨।୧୦**

ବିଭିନ୍ନ ଦାବି ନେଇ ଜନଶକ୍ତି ପାର୍ଟି ପକ୍ଷରୁ ଶୁକ୍ରବାର ସହରର ପୁରୁଣା ବସ୍‌ଷ୍ଟାଣ୍ଡସ୍ଥିତ ଗାନ୍ଧୀ ପ୍ରତିମୂର୍ତ୍ତି ନିକଟରେ ଧାରଣା ଦିଆଯାଇଛି। ରାଜ୍ୟ ସଭାପତି ପ୍ରଦୀପ କୁମାର ଦାଶ ସୂଚନା ଦେଇ କହିଛନ୍ତି, ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ଦିନକୁଦିନ ବଢୁଛି। କରୋନା ସଂକ୍ରମଣ କାଳରେ ପ୍ରବାସୀଙ୍କୁ ରାଜ୍ୟ ସରକାର କର୍ମନିଯୁକ୍ତି ଦେଇପାରି ନାହାନ୍ତି । ବିଭିନ୍ନ ସାମଗ୍ରୀର ଦରଦାମ ବଢୁଥିବା ବେଳେ ଏଥିରେ ଲଗାମ ରହୁ ନାହିଁ । ରାଜ୍ୟ ସରକାରଙ୍କୁ ଏ ସମ୍ପର୍କରେ ଚେତାଇଦେବା ସହ ରାଜ୍ୟର ୩୦ ଜିଲାରେ ରିଲିଫ୍ କୋଡ ସଂଶୋଧନ କରାଯାଇ ଅଡିଟ୍ ବ୍ୟବସ୍ଥା ଲାଗୁ କରାଇବା, ନିଯୁକ୍ତିଆଶାୟୀ ଯୁବବର୍ଗଙ୍କୁ ଆତ୍ମ ନିଯୁକ୍ତି ଅଥବା ଭତ୍ତା ପ୍ରଦାନ, କୃଷିଭିତ୍ତିକ ଶିଳ୍ପ ପ୍ରତିଷ୍ଠା, ଶୀତଳ ଭଣ୍ଡାର ପ୍ରତିଷ୍ଠା ଆଦି ଦାବି କରି ଧାରଣା ଦିଆଯାଇଛି। ଏ ନେଇ ଗତ ୭ଦିନ ମଧ୍ୟରେ ୧୦ ହଜାର ପୋଷ୍ଟକାର୍ଡ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ପଠାଯାଇଥିବା ସେ କହିଛନ୍ତି। ପାର୍ଟିର କର୍ମକର୍ତ୍ତା ରମେଶ ଥାଟୋଇ, ସୁବାସ ରାଉତ, ପ୍ରହ୍ଲାଦ ମହାନ୍ତି, ଦିଲୀପ ଯେନା, କୈଳାସ ମଲ୍ଲିକ ପ୍ରମୁଖ ଏହାର ନେତୃତ୍ୱ ନେଇଥିଲେ ।

## ସହାୟତା ପାଇଁ ପ୍ରଶାସନକୁ ଗୁହାରି

### ବ୍ରେନ୍ ଟ୍ୟୁମର ଅପରେଶନ ପାଇଁ ଟଙ୍କା ନାହିଁ

**ନାଉଗାଁ,୨।୧୦(ସ୍ୱ.ପ୍ର.)**

ନାଉଗାଁ ବ୍ଲକ ଅଲଣା ପଞ୍ଚାୟତ କୁଣ୍ଡେଶ୍ୱର ଗ୍ରାମର ବାବାଜୀଚରଣ ଲେଙ୍କା(୫୫) ବ୍ରେନ୍ ଟ୍ୟୁମର ରୋଗରେ ପୀଡ଼ିତ ହୋଇଛନ୍ତି। ମାତ୍ର ଚିକିତ୍ସା କରିବାକୁ ତାଙ୍କ ପାଖରେ ଅର୍ଥ ନ ଥିବାରୁ ସେ ଘରେ ରହି ଯନ୍ତ୍ରଣାରେ ଛଟପଟ ହେଉଛନ୍ତି। ବାବାଜୀଙ୍କ ପରିବାର କହିଲେ ସ୍ତ୍ରୀ ରାନୁ ଓ ସପ୍ତମ ଶ୍ରେଣୀରେ ପଢୁଥିବା ଏକ ପୁଅ ସନାତନ। ବାବାଜୀ ମୂଲଲାଗି ପରିବାର ଚଳାଉଥିଲେ। କିନ୍ତୁ ସେ ଏବେ ରୋଗରେ ପୀଡ଼ିତ ଥିବାରୁ ପରିବାର ଚଳିବା ମଧ୍ୟ କଷ୍ଟକର ହୋଇ ପଡ଼ିଛି। ଦେଢ ମାସ ତଳେ ବାବାଜୀଙ୍କ ମୁଣ୍ଡ ବ୍ୟଥା ହେବା ସହିତ ଦେହ ଅସୁସ୍ଥ ଥିଲା। ସେ ପ୍ରଥମେ ବାଲିକୁଦା ଓ ପରେ ଜଗତ୍‌ସିଂହପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ଯାଇଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟରୁ ଔଷଧ ଖାଇ ଥିଲେ ବି ମୁଣ୍ଡ ବ୍ୟଥା କମି ନ ଥିଲା। ତେଣୁ ସେ କଟକ ବଡ ଡାକ୍ତରଖାନା ଯାଇଥିଲେ। ସେଠାରେ ଡାକ୍ତର ତାଙ୍କର ପରୀକ୍ଷା କରି ବ୍ରେନ୍ ଟ୍ୟୁମର ହୋଇଥିବା କହିଥିଲେ। ଟ୍ୟୁମର ଅପରେଶନ ପାଇଁ ଟଙ୍କା ନ ଥିବାରୁ ସେ ମେଡିକାଲରୁ ଫେରି ଆସିଥିଲେ। ଏବେ ଯନ୍ତ୍ରଣାରେ ଛଟପଟ ହେବା ବ୍ୟତୀତ ତାଙ୍କ ପାଖରେ ଅନ୍ୟ ଉପାୟ ନାହିଁ। ତେଣୁ ବାବାଜୀଙ୍କୁ ଚିକିତ୍ସା ସହାୟତା ଯୋଗାଇଦେବାକୁ ତାଙ୍କ ସ୍ତ୍ରୀଙ୍କ ସମେତ ଗ୍ରାମବାସୀ ପ୍ରଶାସନ ନିକଟରେ ଗୁହାରି କରିଛନ୍ତି।

## ପୋଲିସର ପକ୍ଷପାତିତା ବିରୋଧରେ ରାସ୍ତାରୋକୋ

**ଆଳି,୨।୧୦(ଡି.ଏନ.ଏ.)**

ଆଳି ଓ ରାଜକନିକା ଥାନା ପୋଲିସର ପକ୍ଷପାତିତା ପ୍ରତିବାଦରେ ପୂର୍ବ ନିଷ୍ପତ୍ତି ଅନୁଯାୟୀ ଶୁକ୍ରବାର ଆଳି କଂଗ୍ରେସ ପକ୍ଷରୁ କଟକ-ଚାନ୍ଦବାଲି ରାସ୍ତାର ନିଆଳ ହାଟଠାରେ ରାସ୍ତାରୋକୋ କରାଯାଇଥିଲା। ଆଳିର ପୂର୍ବତନ କଂଗ୍ରେସ ବିଧାୟକ ଦେବେନ୍ଦ୍ର ଶର୍ମାଙ୍କ ଆହ୍ୱାନରେ ଦୁଇଟି ବ୍ଲକର ଶତାଧିକ କର୍ମୀ ଏଥିରେ ସାମିଲ ହୋଇଥିଲେ। କଂଗ୍ରେସର ବରିଷ୍ଠ କର୍ମୀମାନେ ଅଭିଯୋଗ କରିଥିଲେ ଯେ, ଦୁଇ ଥାନା ପୋଲିସ ଦଳିତ ବର୍ଗର ଲୋକମାନଙ୍କୁ ନ୍ୟାୟ ଦେବାରେ ପକ୍ଷପାତିତା କରୁଛନ୍ତି। ଦଳିତ ବର୍ଗର ଲୋକଟିଏ କୌଣସି କେସ୍ ନେଇ ଥାନାକୁ ଗଲେ ଥାନା ଅଧିକାରୀ ଅପରପକ୍ଷଙ୍କ କଥାରେ କେସ୍ କରି ଦଳିତ ଲୋକମାନଙ୍କୁ ହଇରାଣ କରୁଛନ୍ତି। ଉଭୟ ଥାନା ଅନ୍ତର୍ଗତ ଜୁଆଣିଆ, ଗୋବିନ୍ଦପୁର, କଇଥାପାଳ, ବାଳକାଟି, ମାହାରାକୁଳ ସ୍ଥାନରେ ଘଟିଥିବା କିଛି ଘଟଣା ସେମାନେ ଅବତାରଣା କରିଥିଲେ। ପୋଲିସ ନିଜ ନୀତିଗତି ପରିବର୍ତ୍ତନ ନ କଲେ ଆଗାମୀ ଦିନରେ ଏସ୍‌ପି ଅଫିସ ଘେରାଉ କରାଯିବ ବୋଲି ଚେତାବନୀ ଦେଇଥିଲେ। ସେହିପରି ଉତ୍ତରପ୍ରଦେଶରେ ନାବାଳିକା ଗଣବଳାତ୍କାର ଘଟଣାକୁ ଘୋର ନିନ୍ଦା କରିଥିଲେ। ପରେ କର୍ମୀମାନେ ଓଡ଼ିଶା ଓ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀଙ୍କ ସମେତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ କୁଶ ପୁତ୍ତଳିକା ଦାହ କରିଥିଲେ। ଆନ୍ଦୋଳନରେ କଂଗ୍ରେସ ନେତା ଶର୍ମାଙ୍କ ସହିତ ପୂର୍ବତନ ବିଧାୟକ ଚିନ୍ମୟ ବେହେରା, ପ୍ରଫୁଲ୍ଲ ଦାସ, ଫକୀର ଚରଣ ଖଟୁଆ, ନକୁଳ ପରିଡା, ପର୍ଶୁରାମ ରାଉତରାୟ, ସତ୍ୟପ୍ରିୟ ସାମଲ ପ୍ରମୁଖ ସାମିଲ ହୋଇଥିଲେ।



ରାସ୍ତାରୋକୋରେ ସାମିଲ ହୋଇଥିବା ଦଳୀୟ ନେତା ଓ କର୍ମୀ।

## ପୂର୍ଣ୍ଣ କାର୍ଯ୍ୟକ୍ଷମ ଦାବିରେ ଉପବାସ, ଗଣସତ୍ୟାଗ୍ରହ

**ରଘୁନାଥପୁର,୨।୧୦(ଡି.ଏନ.ଏ.)**

ରଘୁନାଥପୁର ବ୍ଲକ ଅଧୀନ ରେଢୁଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପୂର୍ଣ୍ଣ କାର୍ଯ୍ୟକ୍ଷମ ଦାବି ଜୋର ଧରିଛି। ଶୁକ୍ରବାର ଆଞ୍ଚଳିକ ସ୍ୱାସ୍ଥ୍ୟ ସୁରକ୍ଷା ସମିତି ଓ ବୃନ୍ଦାବନ ଚନ୍ଦ୍ର ଆଞ୍ଚଳିକ ଯୁବକ ସଂଘ ତତ୍ତ୍ୱାବଧାନରେ ୧୨ ପଞ୍ଚାୟତବାସୀଙ୍କ ପକ୍ଷରୁ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଉପବାସ ଓ ଗଣସତ୍ୟାଗ୍ରହ ଆରମ୍ଭ ହୋଇଛି। ଅଞ୍ଚଳବାସୀଙ୍କ ଗୁରୁତ୍ୱକୁ ଉପଲବ୍ଧ କରି ପୂର୍ବ ନିଷ୍ପତ୍ତି ଅନୁଯାୟୀ ସତ୍ୟାଗ୍ରହ ଆରମ୍ଭ ହୋଇଥିବା ଆଞ୍ଚଳିକ ସ୍ୱାସ୍ଥ୍ୟ ସୁରକ୍ଷା ସମିତି ଆବାହକ ସ୍ନେହାଂଶୁ ଜେନା କହିଛନ୍ତି।

ସୂଚନା ଅନୁସାରେ, ଅକ୍ଟୋବର ୨୦୧୭ରେ ସ୍ୱାସ୍ଥ୍ୟ ବିଭାଗ ରେଢୁଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମାନ୍ୟତା ପ୍ରଦାନ କରିଥିଲେ। ତେବେ ଆନୁଷଙ୍ଗିକ ଭିତ୍ତିଭୂମିର ବିକାଶ ଓ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟ ସେବା ଯୋଗାଇଦେବା ପାଇଁ ବାରମ୍ବାର ସ୍ଥାନୀୟ ଅଧିବାସୀଙ୍କ ପକ୍ଷରୁ ଆନ୍ଦୋଳନ କରାଯାଇଥିଲା। ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲେ ମଧ୍ୟ ତାହା କାର୍ଯ୍ୟକାରୀ ହେଉ ନ ଥିବା ଦେବୀପ୍ରସାଦ ମହାରଣା ଅଭିଯୋଗ କରିଛନ୍ତି। ଏପରି କି ଅକ୍ଟୋବର ୨୦୧୯ରେ ତତ୍କାଳୀନ ସିଡିଏମଓ ଏହି ସ୍ୱାସ୍ଥ୍ୟକେନ୍ଦ୍ରର ଗୃହ ନିର୍ମାଣ ଓ ଭିତ୍ତିଭୂମିର ବିକାଶ ପାଇଁ ଜମି ଯୋଗାଇଦେବାକୁ ତହସିଲଦାରଙ୍କୁ ଚିଠି ଲେଖିଥିଲେ ସୁଧା ତାହା ଫାଇଲ ଭିତରେ ରହିଯାଇଛି ବୋଲି ଶିକ୍ଷାବିତ ପ୍ରାଣକୃଷ୍ଣ ନାୟକ ପ୍ରକାଶ କରିଛନ୍ତି।

### ରେଢୁଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର

ଆନ୍ଦୋଳନରେ ସ୍ନେହାଂଶୁଙ୍କ ସମେତ ସୌଭାଗ୍ୟରଞ୍ଜନ ସ୍ୱାଇଁ, ସୁଶ୍ରୀ ଗୀତା ରଥ ଓ ପ୍ରାଣକୃଷ୍ଣ ନାୟକ ଉପବାସରେ ରହିଥିଲେ। ବଳରାମ ନାୟକ, ଦିଲୀପ ରଥ, ନିରଞ୍ଜନ ବାରିକ, ଉପେନ୍ଦ୍ରନାଥ ରଥ, ବିଜନ ମହାପାତ୍ର, ରାକେଶ ଜେନା, ଚନ୍ଦ୍ରଶେଖର ରାଉଳ ସମେତ ଅନ୍ୟମାନେ ସତ୍ୟାଗ୍ରହରେ ସାମିଲ ହୋଇଛନ୍ତି। ପାଞ୍ଚ ଦିନ ମଧ୍ୟରେ କୌଣସି ସୁଫଳ ନ ମିଳିଲେ ବାଧ୍ୟ ହୋଇ ରାଜରାସ୍ତା ଅବରୋଧ କରାଯିବ ବୋଲି ଚେତାବନୀ ଦିଆଯାଇଛି।




ଆନ୍ଦୋଳନରେ ଆଞ୍ଚଳିକ ସ୍ୱାସ୍ଥ୍ୟ ସୁରକ୍ଷା ସମିତି ଓ ବୃନ୍ଦାବନ ଚନ୍ଦ୍ର ଆଞ୍ଚଳିକ ଯୁବକ ସଂଘ ସଦସ୍ୟମାନେ ସାମିଲ ହୋଇଛନ୍ତି।

